

# ସାହିତ୍ୟ ଆସର
# ସପ୍ତମ ଋତୁ ପଞ୍ଚମ ସ୍ୱର



**ସପ୍ତମ ଋତୁ ସାହିତ୍ୟର ଋତୁ । ଏ ଋତୁରେ କୋଇଲି ଗାଏ, ବଉଳ ବାସେ, ମଲ୍ଲୀ ହସେ, କାକର ଝରେ, ବୁଢ଼ିଆଣୀ ଜାଲରେ ତାରକସି ଫୁଲ ଫୁଟେ । ଭଅଁର ଓ ପ୍ରଜାପତିଙ୍କୁ ମତୁଆଲା କରେ ରଜନୀଗନ୍ଧା । ବର୍ଷା ରିମ୍‌ଝିମ୍ ଗାଏ, ପ୍ରକୃତି ଇନ୍ଦ୍ରଧନୁ ଆଙ୍କେ । ପଞ୍ଚମ ତାନରେ ସବୁବେଳେ ଗାଏ କୋଇଲି.......**

ଆମ ସମୟର କବିତା

## ଶୀତ ଶକୁନ୍ତଳା

ବିଜୟ ଦାସ

ଶୀତର ବଖରାରେ
ଉହ୍ଲେଇଏ ଜହ୍ନ
ଗରମର ବୁନ୍ଦାବୁନ୍ଦା ମିଠା ଯନ୍ତ୍ରଣାର ପ୍ରେମ
ଆହତ ଶକୁନ୍ତଳା, ଆହତ ଫୁଲବନ ।
ଚାଙ୍ଗୁଡ଼ିରେ ଶିଶିରର ଟୋପାଟୋପା ମୋତି
ନାଇବକି ଶକୁନ୍ତଳା ହାର କରି
କାଟିଦବ ସାରା ଶୀତ ମାଳା ଜପିଜପି ?
ନଅରରେ ଦୁଷ୍ମନ୍ତର ନିଦଭରା ରାତି
ପୁହାଉଛି ଭୁଲିଭାଲି ବର୍ଷାଭିଜା ତାତି
ଗରମ୍‌ର ଝାଉଁବଣ ମନେପଡ଼େ ନାହିଁ
ସୁସୁ ପବନ ବି ଗୀତ ଗାଏ ନାହିଁ
ନିଦ ଭାଙ୍ଗି ଉଠିବାକୁ କାହାର ବା ମନ
ଅନେଶ୍ୱତ ରାଣୀ ଯଦି ବାରମ୍ବାର
ବିଞ୍ଚୁଥାନ୍ତି କାଲୁଆ ପବନ
ଏକୋଇ ସେ ଶକୁନ୍ତଳା ଯେବେ ପାଦଦେବ
ହଜାରେ ଫଗୁଣ ଗୁଛା ମଳୟ ବିଞ୍ଚିବ
ଶୀତ ଏକ ଶକୁନ୍ତଳା ପ୍ରେମ କରୁଥିଲା
ପ୍ରେମିକତା ଅଭିଶାପେ ଭୁଲିଭାଲି ଗଲା
ସେଇ ଦିନୁ ନିରିମାଖି ଭାରି ଥଣ୍ଡା ଥଣ୍ଡା
ତଥାପି ସଜାଏ ଫୁଲେ ଦୁଆର ବାରଣ୍ଡା
ଧାନବିଲ ସୁନା ଶେଯେ ଶୋଇପଡ଼େ କେବେ
କଇଁଫୁଲ କବରୀରେ ପଦ୍ମଫୁଲ ହସ୍ତେ
ସତେ ଅବା ଲକ୍ଷ୍ମୀମାତା ପାଦେ ପୂଜା କରେ ।
ଏପାଖରେ ରଜା ପୁଅ ରତ୍ନମୁଦି ଖୋଜେ...
କୁହୁଡ଼ିର ନଈ ସୁଏ ସ୍ମୃତି ମାଛ ଖେଳେ
ମାଛର ପେଟରେ ମୁଦି ସନ୍ତକ ଯେ ମିଳେ
ଏଥରକ ମୁନି କନ୍ୟା ରାଜପୁତ୍ର ଭେଟ
ଦୁଷ୍ମନ୍ତ ହୁଏ ବସନ୍ତ ଶକୁନ୍ତଳା ଶୀତ ।

ମୋ. ୯୪୩୭୧୫୬୨୯୧

## ଶୀତ ଏବେ ଗାଁରେ

କଥା ଏତିକି..

● ସୁନୀଲ ଘୋଷ

**ଶୀ**ତ ଏବେ ଗାଁରେ । ବାପା–ବୋଉ ଗାଁକୁ ଚାଲିଯିବା ପରେ ସିଏ ବି ତାଙ୍କରି ସାଙ୍ଗରେ ଫେରିଯାଇଛି ଗାଁକୁ ।

ଶୀତ ଆସିଲେ ହିଁ ବାପାଙ୍କ ଖୁଁ ଖୁଁ କାଶ ଆରମ୍ଭ ହୋଇଯାଏ । ବୋଉ ଶ୍ୱାସରେ ପେଲି ହୁଏ । ସେତେବେଳେ ଶୀତକୁ ଖୁବ୍ ନିନ୍ଦିବାକୁ ମନଚାହେଁ । ବାପା ବାଲ୍‌କୋନୀରେ ବସି ଖବରକାଗଜ ପଢ଼ନ୍ତି, ଯେଉଁଠି ସାମ୍ନା ଆପାର୍ଟମେଣ୍ଟ ଫାଙ୍କରୁ ଚିରୁଡାଏ ଖରା ଖସିଆସି ପଡ଼େ ଆମ ବାଲକୋନୀରେ ।

ବୋଉ ଅପେକ୍ଷା କରିଥାଏ ସେଇ ଖରାକୁ । ବାପା ଖବରକାଗଜ ପଢ଼ି ସାରି ଉଠିଗଲେ ସିଏ ଆସ୍ଥାନ ଜମେଇ ନିଏ ସେଇଠି ।

ବୋଉର ସବୁବେଳେ ଅଭିଯୋଗ– ସହରରେ ଖରା ନାଇଁ, ଖଳାବାରି ନାହିଁ, ଖୋଲା ଆକାଶ ନାହିଁ, ସାଇପଡ଼ିଶା ନାହିଁ । କେତେ ମୁହଁଗୁଞ୍ଜି ବସିବ ଘରଟା ଭିତରେ?

ବୋଉ ଶୀତଦିନ ସାରା ଶୀତକୁ ନିନ୍ଦେ । ନିଆଁଲଗା ଶୀତ କେବେ ଯିବ ମଣିଷ ତ୍ରାହି ପାଇବ !



ଏବେ ବାପା ବୋଉ ଗାଁରେ । ଧାନ କଟାକଟି ପାଇଁ ଯାଇଛନ୍ତି ଗାଁକୁ । କହିଛନ୍ତି ଶୀତ ଗଲେ ଆସିବୁ । ତମ ସେଠି ତ ଖରାର ଅଭାବ, ଦେହର ମଜରା ଭାଙ୍ଗିବନି । ଗାଁରେ ଖରାର ଅଭାବ ନାହିଁ ।

ଶ୍ରୀମତୀ କହନ୍ତି– ଶୀତଋତୁଟା ସବୁଠୁ ଭଲ । କେତେ ଶୀଘ୍ର ଚାଲିଯାଏ ଜଣାପଡ଼େନି । ଖିଆ, ପିଆ, ଶୁଆ ସବୁଥିରେ ଆରାମ । ଏବେ ତ ବାପା–ବୋଉ ଗାଁରେ ତେଣୁ ଶୀତକୁ ପ୍ରଶଂସା କରିବାକୁ ଆଉ ଭୟ ନାହିଁ ।

ଏବେ ମୋ'ର ଭୟ ଶୀତକୁ । ଗାଁରେ ସିଏ ବାପା–ବୋଉଙ୍କୁ ହରକତ କରୁନି ତ! ବାପାଙ୍କ ପାଇଁ ଚ୍ୟବନପ୍ରାସ ପଠେଇଛି... ହଁ, ବୋଉର ଅଣ୍ଟା ଧରିଛି ବୋଲି ଫୋନ୍‌ରେ କହୁଥିଲା । କହୁଥିଲା– ଆଉ କ'ଣ ତମମାନଙ୍କ ପାଖକୁ ଯାଇପାରିବି, ଶିଡ଼ି ଚଢ଼ି ପାରିବି? ତଳ ଘର ନେଲେ ଯିବି ।

ଶ୍ରୀମତୀ କହନ୍ତି– ତଳଘରେ ଝାମେଲା । ଚୋରି ଭୟ । ଖରା–ପବନ ସବୁ ମିଳେ ଉପର ମହଲାରେ ।

## ସଂସାରରେ ଅଦିନ ଝଡ଼

■ ଗୋପାଳ ଦେ



**ଓ**ଳିକ ପାଇଁ ନନ୍ଦିତା ଦେବୀ ବାପଘରକୁ ଗଲେ ବି ଝିଅର ଫୋନ୍ ଦଶଟା । ଏମିତିରେ ଦିନ ଦଶଟା ଭିତରେ ସ୍ୱାମୀ ଅଫିସ ଯିବା ଆଉ ଝିଅ କଲେଜ ଯିବା ପରେ ନନ୍ଦିତା ଦେବୀ ବାପଘରକୁ ଯାଉଥିଲେ ।

ବୋଉ ଚାଲିଗଲା ପରଠୁ ବାପା କଥା କଥାରେ ଶଯ୍ୟାଶାୟୀ ହୋଇପଡୁଥିଲେ : ଏବେ ଖାଇବା ପ୍ରାୟ ଛାଡ଼ି ଦେଲେଣି । ନନ୍ଦିତା ଦେବୀ ଏକମାତ୍ର ସନ୍ତାନ । ବାପା ପାଖକୁ ଯିବା ଜରୁରୀ । ସ୍ୱାମୀ ଆଉ ଝିଅଙ୍କ ନା କହିବାର ପ୍ରଶ୍ନ ଉଠୁନି । କିନ୍ତୁ ନନ୍ଦିତା ଦେବୀ ନଥିଲେ ସଂସାର ସମ୍ଭାଳିବା ଏଇ ଦୁଇଜଣଙ୍କ ପକ୍ଷରେ ଅସମ୍ଭବ । କାରଣ ବି ଅଛି । ନିଜର ଉପସ୍ଥିତିରେ ନନ୍ଦିତା ଦେବୀ କାହାକୁ ରୋଷେଇ ଘର ଭିତରେ ପଶିବାକୁ ଦେଉନଥିଲେ । ସ୍ୱାମୀ ସରୋଜବାବୁଙ୍କ ପଶିବାର ଇଚ୍ଛା ବି ନଥିଲା । ଝିଅ କମଳିକା କାମର ବୋଝ ହାଲୁକା କରିବାକୁ ଯାଇ ବଢ଼େଇ ଦେଉଥିଲା । ତା'ର ବି ପ୍ରବେଶ ନିଷେଧ ।

ଏବେ ନନ୍ଦିତା ଦେବୀଙ୍କ ଅନୁପସ୍ଥିତିରେ ରୋଷେଇ ଘର ଏଇ ଦୁଇଜଣଙ୍କ ପାଖରେ ନର୍ସିଂହୋମ୍‌ର ଅପରେସନ ଥିଏଟର । ବେଡ୍‌ରେ ରୋଗୀ, ଜଳନ୍ତା ଚୁଲି । ଓ୍ୱାର୍ଡବୟ ଷ୍ଟାଣ୍ଡ, ଡାକ୍ତର ଅନୁପସ୍ଥିତ, ନର୍ସ ଫୋନ୍ ଉପରେ ଫୋନ୍ କରି ଚାଲିଛି ।

'ବୋଉ, ଦୁଇ କପ୍ ଚା' ପାଇଁ କେତେ ପାଣି ଦେବି?'

'ଚିନିଡବା କେଉଁଠି ରଖିଚ?'

ଅଧ ଘଣ୍ଟା ବିତିଛି କି ନାହିଁ ପୁଣି ଫୋନ୍ ।

'ବୋଉ, ବାପା କହୁଛନ୍ତି ରୁଟି ବନେଇ ପାରିବେନି । ରାଉଣ୍ଡ ହେବନି । ରାଇସ୍ ମ୍ୟାନେଜ କରି ହେବ । ଦୁଇଜଣ ପାଇଁ କେତେ ମୁଠା ଚାଉଳ ନେବି?'

ନନ୍ଦିତା ଦେବୀ ବାପାଙ୍କୁ ଔଷଧ ଖୁଆଇ ପାଣି ପିଆଇବା ଭିତରେ ଫୋନ୍ । 'ବୋଉ ବାପା ପାଣି କମ୍ ଦେଇଥିଲେ, ପ୍ରେସରକୁକ୍‌ରର ତଳପଟ ଲାଗି ଯାଇଛି । ଟିକେ ପୋଡା ପୋଡା ବାସ୍ନା ହେଉଛି, ଚଳିବ । ମୁଗ ଡାଲି ନାହିଁ କି?'

ସବୁ ଶୁଣି ନନ୍ଦିତା ଦେବୀଙ୍କ ବାପା କହିଲେ 'ମୋ ଅବସ୍ଥାଠୁ ସେମାନଙ୍କ ଅବସ୍ଥା ଦୟନୀୟ । ମରିବା ଲୋକକୁ ଛାଡ । ଯେଉଁମାନେ ବଞ୍ଚିଛନ୍ତି ସେମାନଙ୍କ କଥା ଆଗ ବୁଝ ।'

ବାପାଙ୍କ କଥାରେ ନନ୍ଦିତା ଦେବୀ ମର୍ମାହତ ହେଲେ । ପରଦିନ ବଡ଼ିଭୋର ଘରକୁ ଫେରି ନନ୍ଦିତା ଦେବୀ ସ୍ୱାମୀ ଆଉ ଝିଅ, ଦୁଇଜଣଙ୍କୁ ଯାହା କହିବାର ଯାହା ନକହିବାର ସବୁ କହିଗଲେ ।

'ତୁମ ଦୁଇଜଣଙ୍କ ଦେଇ ଖଡ଼ା ଯଦି ନ ସିଝିଛି ହୋଟେଲରୁ ଆଣୁନ ? ତମେ ଖୁସିରେ ଖାଇବ ମୁଁ ଶାନ୍ତିରେ ରହିବି, ଖାଲି ଭାବିନେବ ମୁଁ ମରିଯାଇଛି ।

ଅତି ସମ୍ମାନବୋଧ ଥିବା ସାଧାରଣ ଲୋକଙ୍କ ପାଇଁ ବି ନନ୍ଦିତାଙ୍କ ଏହି ଶେଷ ବାକ୍ୟକୁ ସହଜ ଭାବରେ ନେବା ସମ୍ଭବପର ନୁହଁ ।

ନନ୍ଦିତା ଟିକେ ସ୍ୱାଭାବିକ ହେବା ପରେ ଭାବିଲେ ଏତେଟା କହିବାର ନଥିଲା । ଧନୁରୁ ଶର ବାହାରିଯିବା ପରେ ଆଉ ଫେରି ଆସେନା । କ୍ଷମା ମାଗିବାକୁ ବି ଆତ୍ମସମ୍ମାନକୁ ବାଧିଲା ।

ଛ' ଦିନ ପରେ, ବାପାଙ୍କ ଘରେ କାମ କରୁଥିବା ଝିଅର ଫୋନ୍ । 'ବାବୁ ଠିଆ ଠିଆ ଅବସ୍ଥାରେ ପଡ଼ିଗଲେ । ଛାତିରେ ଦରଜ ହେଉଛି କହୁଛନ୍ତି, ଆପଣ ତୁରନ୍ତ ଆସନ୍ତୁ ।' ରବିବାର ଦିନ, ସବୁ କାମ ରଖିଦେଇ ବାହାରି ଯିବାକୁ ଅସୁବିଧା ହେବାର ନୁହଁ । ତଥାପି ଝିଅକୁ ଡାକି ଫ୍ରିଜ୍ ଖୋଲି ଦେଖେଇ ଦେଇ କହିଲେ 'କ୍ଷୀର ଅଛି, ଗରମ କରି ଚା' ବନେଇବୁ, ଭଜାମାଛ ଦୁଇପିସ୍ ଅଛି, ଟିକେ ପାଣି ଦେଇ ଲୁଣ ପକେଇ ଫୁଟେଇ ନେବୁ, ଡାଲି ବି ଅଛି, ଭାତ ହାଣ୍ଡିରେ ବସେଇବୁ, ପାଣି ମାପ ଜାଣିପାରିବୁ । ହେଲା?'

ସ୍ୱାମୀଙ୍କ ପାଖକୁ ଯାଇ କାନ୍ଦ କାନ୍ଦ ହୋଇ କହିଲେ 'ବାପା ଏଥର ଯିବେ ।' ଆଖି ପୋଛି କହିଲେ 'ମୁଁ ଯାଉଛି ।' ବାପଘର ଯିବା ଭିତରେ ଡାକ୍ତର ବି ଆସିଯାଇଛନ୍ତି । ନନ୍ଦିତା ଫୋନ୍‌ରେ ଡାକି ଦେଇଥିଲେ । ଚେକ୍‌ଅପ୍ ପରେ କହିଲେ 'ଷ୍ଟ୍ରୋକ୍ ଥିଲା ।' ନିୟମିତ ବଟିକା ଜିଭ ତଳେ । ବାକି ହାତ ପାଖରେ ନିଜ ଲୋକ ଆଖି ସାମ୍ନାରେ ।

ଡାକ୍ତର ଚାଲିଗଲେ, ବାପା ତନ୍ଦ୍ରାଚ୍ଛନ୍ନ । କାମ କରୁଥିବା ଝିଅ ଘର କାମ କରୁଛି, ନନ୍ଦିତାଙ୍କ କିଛି କରିବାର ନାହିଁ । କାମ କରୁଥିବା ଝିଅ ଚା' ବନେଇ ଆଣି ଦେଲା । ନନ୍ଦିତା ଦେବୀଙ୍କ ମନ ଚାଲିଗଲା ନିଜ ଘରକୁ । ଏଇ ଦୁଇଜଣଙ୍କୁ ଚା' ବି ବନେଇ ଆସେନି ! ମୁଁ କ'ଣ କରିବି ! ମୁଁ ନଥିଲେ ଏମାନଙ୍କ ଦୁନିଆ ଅଚଳ । ସୂର୍ଯ୍ୟ ବି ଉଠିବନି, ପବନ ବି ବୋହିବନି । କାହିଁକି ଭଗବାନ ମୋ ଉପରେ ଏତେ ବୋଝ ଲଦିଦେଲେ ! ଏଇନା ଫୋନ୍ ଆସିବ 'ବୋଉ ଚିନି ଡବା କୋଉଠି ରଖିଛୁ?' ସ୍ୱାମୀ ତ ଚୁପ୍‌ସଇତାନ, ନିଜେ ଫୋନ୍ କରିବେନି, ଝିଅକୁ ଦେଇ ପଚାରିବେ, ଝିଅ ବି ସେମିତି ଜନକ ନନ୍ଦିନୀ ।

ସକାଳ ଗଡ଼ିଯାଇ ଦି'ପହର । ଏଯାଏଁ ଫୋନ୍ ଆସିନି ।

ମୋର ମନ୍ଦିରସମ ରୋଷେଇ ଘରେ ଦୁଇଜଣ ଆତଙ୍କବାଦୀ ପଶି ସବୁ ଛିନ୍‌ଭିନ୍ କରି ପକଉଛନ୍ତି । ଆଉ ବସିରହିଲେ ହେବନି । ଫୋନ୍ କଲେ ସବୁ ଜଣାପଡ଼ିବ । କିନ୍ତୁ ନନ୍ଦିତା ଦେବୀଙ୍କ ଅଭିମାନ ବାଧା ଦେଲା । ମନକୁ ସାନ୍ତ୍ୱନା ଦେଲେ । ଶିଖନ୍ତୁ ସେମାନେ ! ମୁଁ କ'ଣ ଠିକା ନେଇଛି କି? ଦୁହିତା ସଜେଇ ମତେ ଦହନ କରିବେ । ମୁଁ ନ ଥିଲେ କ'ଣ ପୃଥିବୀ ବୁଲିବନି ନା ପବନ ବୋହିବନି । ସବୁ ହେବ । ମୁଁ ନଥିଲେ ଏଇ ସ୍ୱାମୀ ଏଇ ଝିଅ ମୋ ଫଟୋକୁ ବି ଅନେଇବେନି ।

ଅପରାହ୍ଣ ପାକଳ ହେଉଥିଲା... ।

ନନ୍ଦିତା ଦେବୀ ନିଜକୁ ସମ୍ଭାଳି ପାରିଲେନି । ହାତମୁଠାରେ ଧରିଥିବା ଫୋନ୍‌ର ବୋତାମ ଚିପି ଝିଅକୁ ଫୋନ୍ କଲେ, ''କ'ଣ କିରେ ଦିନଯାକ ଫୋନ୍ ନାହିଁ । ମୁଁ କ'ଣ ମରିଯାଇଛି କି?''

ଆଉ କହିପାରିଲେନି କି କିଛି ଶୁଣିଲେନି ।

ବାପା ସବୁ ଶୁଣିଲେ, କିନ୍ତୁ ଝିଅର ଛଳଛଳ ଆଖି ଦେଖିବା ଡରରେ ଆଖି ଖୋଲିଲେ ନାହିଁ ।

ମୋ. : ୯୮୬୧୦୮୬୧୮୪

## ଶୀତର ସାଏରୀ

■ ସାନ୍ତନୁ ଦାଶ

ହାଲ୍‌କା ଶୀତରେ
ଇଚ୍ଛାହୁଏ ତୁମ ସାଥିରେ ବୁଲିବା ପାଇଁ, ଗପିବା ପାଇଁ
ମହାନଦୀର କୂଳଠୁ ନେଇ ରାଜରାସ୍ତା ପର୍ଯ୍ୟନ୍ତ
କଲେଜଠୁ ନେଇ ପାର୍କର ନିବୃତ୍ତତା ଯାଏ
ତୁମ ହାତଧରି ଚାଲିବା ପାଇଁ
ଛାତି ଭିତରର ଅବ୍ୟକ୍ତ ଗୁଡ଼ାକୁ
ଶବ୍ଦର ରୂପଦେଇ ତୁମ ଆଗରେ କହିବା ପାଇଁ
ତୁମେ ତଳକୁ ଚାହୁଁଥିବ
ଝୁଣ୍ଟିପଡ଼ିବାର ଭୟରେ ନୁହେଁ
ଲାଜେଇ ଯିବାର ମୁଦ୍ରାରେ
ମୁଁ କିନ୍ତୁ କହି ଚାଲିଥିବି
ସରଳ, ନିର୍ଭୀକ ଏବଂ ଲଜ୍ଜାହୀନ ଭାବରେ
ଅମାନିଆ ହାତ ମୋର ଧକ୍କା ଖାଉଥିବା
ତୁମ ହାତ ସହ... ଇଚ୍ଛାକୃତ ଭାବରେ
ତୁମେ ବିରକ୍ତ ହେଉଥିବ
ଜାଣେନି ମିଛରେ କି ରାଗରେ ?
ତୁମ ମୁଖମଣ୍ଡଳର ଶୀତରେ ବି ସ୍ୱେଦବିନ୍ଦୁ
ଗଣ୍ଡଦେଶ ଦେଇ ବହିଯାଉଥିବ
ବାମହାତର ରୁମାଲରେ ବାରମ୍ବାର ତାକୁ ପୋଛୁ ବି ଥିବ
ଶୀତୁଆ ପରିବେଶରେ ବି ଦେହରେ ତାତି ଥିବ
ହେଲେ ଏ ଉତ୍ତାପ ବାହାରର ନା ଭିତରର ?
ମନର ନା' ଦେହର ?
ଦଲକାଏ ଶୀତୁଆ ପବନରେ ତୁମେ
ଅପ୍ରସ୍ତୁତ ହେଇ ଯାଉଥିବ
ଉଡ଼ିଯାଉଥିବ ଚୁନରିକୁ ସଜାଡିବାର
ଶତ ପ୍ରତିଶତ ଅଳସ ପ୍ରୟାସ ଭିତରେ
ମୋ ଆଡ଼କୁ କଣେଇ କଣେଇ
ଲୁଚେଇ ଲୁଚେଇ ଚାହୁଁ ବି ଥିବ
ମୁରକି ମୁରକି ହସୁ ବି ଥିବ
ମୁଁ କିନ୍ତୁ ଈର୍ଷା କରୁଥିବି
ମନେ ମନେ ରାଗୁବି ଥିବ
ତୁମ ପ୍ରତି... ?
ନା ତୁମର ଚୁନରି ପ୍ରତି

## ଅନ୍ଧଗଳି

● ଅଲେଖ ଚନ୍ଦ୍ର ଦଣ୍ଡପାଟ

ତା'ର ଦୁଇଦିନ ପରେ ଆଖି ଖୋଲିବା ବେଳକୁ ନିଜକୁ ଏକ ଘରୋଇ ଡାକ୍ତରଖାନାର ଶଯ୍ୟା ଉପରେ ଆବିଷ୍କାର କରିଥିଲା । ଆଖିର ପରଦା ମେଲାଇ ଚାହିଁପାରୁ ନଥିଲା ତା' ଚାରିପାଖର ପରିଜନମାନଙ୍କୁ । ଛୋଟ ପୁଅକୁ କୋଳକୁ ଭିଡ଼ିନେଇ ଭୋ–ଭୋ ହୋଇ କାନ୍ଦିଉଠିଥିଲା । ଦୁଇ ଆଖିର ଅମାନିଆ ଲୁହର ବନ୍ୟା ।

**ମି**ତା, ଯେବେବି ଫେରେ ବାପଘରୁ ସାଥିରେ ଆଣିବାକୁ ଭୁଲି ନଥାଏ ଆରିସାପିଠାରୁ ଗଣ୍ଡାଏ । ସେ ଯେମିତି ହସକୁରି, ତା' ସ୍ୱାମୀ ବିବେକ ମଧ ଜଣେ ସ୍ୱଷ୍ଟବାଦୀ । ସାର୍ବଜନୀନ ସମସ୍ୟାକୁ ଉପଯୁକ୍ତ ଫୋରମ୍‌ରେ ଉପସ୍ଥାପନ କରିବାର ଶୈଳୀକୁ ସମସ୍ତେ ପସନ୍ଦ କରନ୍ତି ।

ସବୁରି ପ୍ରିୟ ବିବେକ । ମଧ୍ୟବିତ୍ତ ପରିବାର ଛଅ ପିଲାଙ୍କ ମଧରେ ତୃତୀୟ । କିନ୍ତୁ ମାତୃପିତୃଙ୍କୁ ଦୁଃସାଧ ହେପାଟାଇଟସ୍ ରୋଗଟାକୁ ବୋହି ଆଣିଥିଲା ତା' ରକ୍ତ । କିଶୋର ଅବସ୍ଥାରେ ରକ୍ତଦାନ ଶିବିରରୁ ଧରାପଡ଼ିଥିଲା ରୋଗଟା । ସେବେଠୁ ମନଟା ତା'ର ଭାଙ୍ଗି ପଡ଼ିଥିଲା ଅହେତୁକ ଭୟରେ । ତଥାପି ସମ୍ଭାଳି ଯାଇଥିଲା ସେ । ସମ୍ପର୍କୀୟ ଡାକ୍ତରଙ୍କ ପରାମର୍ଶରେ ନିଜକୁ ସଜାଉଥିଲା ପ୍ରତି ମୁହୂର୍ତ୍ତରେ ।

ଯୌବନ ୩୫ଟା ବସନ୍ତର ଶେଷ ସ୍ପର୍ଶ ପାଇସାରିଥିଲା । ଅବେଳାରେ ସାଥୀଟିଏ ଧରା ଦେଇଥିଲା ମିତା ଉପରେ । ଯୁକ୍ତ ତିନି କଳାର ଶେଷବର୍ଷର ଛାତ୍ରୀ ଥିଲା ସେ । ସୁଢ଼ଳ ଶ୍ୟାମଳ ଶରୀରରେ ଯୌବନର ଆଦ୍ୟ ଉଦାମତା । ଗୋଟିଏ ଚାଉଳରେ ଗଢ଼ା । ବିବେକର ଦୁଷ୍ଟାମି ଆଖି ପଡ଼ିଥିଲା ତା' ଯୌବନ ବଗିଚାରେ । କିଛି ସମୟ ପାଇଁ ସେ ଭୁଲିଯାଇଥିଲେ ଦୁଃସାଧ ରୋଗ ବିଷୟରେ । ମିତାକୁ ନିଜର କରିବାକୁ ଚେଷ୍ଟା କରିଥିଲା ଆଉ ନବବଧୂ ରୂପେ ଆଣିଥିଲା ମଧ ନିଜ ଘରକୁ ।

ଗାଁଠାରୁ ଅନତି ଦୂର ସହରରେ ନୀଡ଼ଟିଏ ବାନ୍ଧିଥିଲା ବିବେକ । ସେହି ଉପବନରେ ଦୁହିଁଙ୍କ ଯୌବନର ୨/୩ଟି ବସନ୍ତ ଲହଡ଼ି ଭାଙ୍ଗିଥିଲା ହସଖୁସିରେ । ଯୌବନ ଗଛରେ ଫୁଲଫୁଟି ଫଳଟିଏ ମଧ ଧରିଲା । ପୁଅଟିଏ କୋଳମଣ୍ଡିଲା ମିତାର ।

ସମୟର ବିଚିତ୍ର ଗତି । ମାରାତ୍ମକ ରୋଗଟା ଏହି ଅବହେଳାର ସୁଯୋଗ ନେଇ ଚେଇଁଉଠିଥିଲା । ହଠାତ୍ ଶଯ୍ୟାଶାୟୀ ହୋଇପଡ଼ିଲା ବିବେକ । ଧୀରେ ଧୀରେ ସମଗ୍ର ଶରୀରଟାକୁ କାବୁ କରିନେବାକୁ ବେଶୀ ଡେରି ଲାଗି ନଥିଲା । ପୁଅଟିଏ ହେବାର ୫/୬ ବର୍ଷ ମଧରେ ସବୁକିଛି ସରିଆସିଥିଲା ମିତାର ଯୁବା ବେଳକୁ ବିବେକର ଯିବାବେଳ ଆସିଯାଇଥିଲା । ସବୁ ସାଙ୍ଗସାଥୀ ପରିବାରସ୍ୱଜନଙ୍କୁ ପଛରେ ପକାଇ ବିବେକର ଆତ୍ମା ମିଶିଗଲା ପରମାତ୍ମାଙ୍କ ସହ । ଘର ଭିତରେ ମୁଣ୍ଡବାଡେଇ କାନ୍ଦୁଥାଏ ମିତା । କାଠକଣ୍ଢେଇଟେ ପରି ସମସ୍ତଙ୍କୁ ଚାହୁଁଥାଏ ତା'ର ପୁଅ । ସେ କ'ଣ ବା ବୁଝନ୍ତା ଏ ସଂସାରର ନିୟମକୁ । ସ୍ୱର୍ଗଦ୍ୱାର ସରିଥିଲା ତା'ର ଶେଷ ଯାତ୍ରା ।

ମିତାର ଜୀବନଟା ଏକ ଅସଜଡ଼ା କାନ୍ଥଘଣ୍ଟାର ପେଣ୍ଡୁଲମ୍ ପରି ହଠାତ୍ ଅଟକି ଯାଇଛି । ବିବେକର ଶେଷ ଇଚ୍ଛା ଥିଲା ମିତାର ଡେଣା କାଟି ଦେବନି, କି ତା' ଦେହରୁ ରଙ୍ଗ କାଢ଼ି ନେବନି ।



୩୦ ବର୍ଷର ପୂରନ୍ତା ଯୌବନ ଡଙ୍ଗାଟି ମଝି ସମୁଦ୍ରରେ ଭାସୁଥିଲା ନାବିକ ବିହୀନ ଭାବେ । ସଂସାର ଭିଡ଼ ଭିତରେ ବଞ୍ଚିବାକୁ କଷ୍ଟକର ଲାଗୁଥିଲା ମିତାକୁ । ଇଚ୍ଛା ବି ହେଉଥିଲା ତା'ର ଉଡ଼ିଯିବାକୁ ବିବେକ ପାଖକୁ । ହେଲେ ଡେଣା ଲାଗିନଥିବା ବିବେକର ଚଢ଼େଇଛୁଆକୁ ଛାଡ଼ି କୁଆଡ଼େ ଯିବ ସେ?

ସୁଅ ମୁହଁରେ ପତରଟିଏ ପରି ଭାସିଚାଲିଥିଲା ମିତାର ସଂସାର । ତଥାପି ପିଲାଟା ମୁହଁକୁ ଚାହିଁ ସାହସ ବାନ୍ଧିଥିଲା ସେ । ୧୨ ହାତି ଶାଢ଼ି ଛାଡ଼ି ପୁଣି ଚୁଡ଼ିଦାର ସାଲୁଆର ପିନ୍ଧିଲା । ବାଇକ୍ ପଛରେ ବସିବା ଭୁଲି ସାଇକେଲ୍ ହ୍ୟାଣ୍ଡଲ୍ ଉପରେ ହାତ କଷି ପେଡାଲ୍ ମାରିଲା । ସଂସାରର ଛାଇଆଲୁଅ ଗଳିରେ ଗଡ଼ାଇ ଚାଲିଲା ତା' ଜୀବନ ଗାଡ଼ିକୁ ।

ହଠାତ୍ ତା' ଗାଡ଼ିର ବ୍ରେକଟା ଢିଲା ପରି ଲାଗିଲା । ବ୍ରେକ୍ ଉପର ଶକ୍ତ ହାତଟା ଶିଥିଳ ହୋଇଆସିଲା । ନିଜ ଦେବରର ଭରସା ଭରା ଆଶ୍ୱାସନା ତାକୁ ପୁଣି ନିଜ ବିଚାରକୁ ବଦଳାଇବାକୁ ବାଧ କଲା । ପିତୃହରା ଶାବକଟିକୁ ଟିକେ ଆଶ୍ରୟ ଦେବାର ଚେଷ୍ଟାରେ ଦେବରର କୁନଜରର ଶିକାର ହେଲା । ଶିଶୁର ସାବଲୀଳ ଦୁଷ୍ଟାମିକୁ ଆୟୁଧ କରି ଭାଉଜଙ୍କ ଅବହେଳିତ ଯୌବନକୁ ନିଜର କରିବାରେ ସଫଳ ହେଲା ସେ ।

ଜୀବନଟାକୁ ପୁଣି ମୂଳରୁ ଆରମ୍ଭ କରିବାର ପ୍ରୟାସ କରିଥିଲା ମିତା । କିନ୍ତୁ ନିଜ ଅଜାଣତରେ ତା' ଜୀବନଟା ଏକ ପାନ୍ଥଶାଳା ପାଲଟି ଯାଇଥିଲା । ତା' ଦେହର ଅସଂଖ୍ୟ ଆଙ୍ଗୁଠି ଛାପ ଭିତରୁ କେଉଁଟା କାହାର ଜାଣିବା ତା' ପାଇଁ କଷ୍ଟକର ହୋଇପଡ଼ିଲା । ବିବେକର କଷ୍ଟ ଉପାର୍ଜିତ ସମ୍ପତ୍ତିକୁ କରାୟତ୍ତ କରିବା ଆରମ୍ଭ ହୋଇସାରିଥିଲା । ତା' ଅଜ୍ଞାତସାରରେ ଉତ୍ତୋଳିତ ଯୌବନ ଖେଳର ଚିତ୍ର ସବୁ ତାକୁ ଠେଲି ଦେଇଥିଲା ସମାଜର ଅନ୍ଧଗଳିକୁ । ଯେଉଁଠି ନା ଥିଲା ସୂର୍ଯ୍ୟ ନା ଥିଲା ଚନ୍ଦ୍ର । ସବୁଦିନ ଆସୁଥିଲା ଅମାବାସ୍ୟାର ଘନ ଅନ୍ଧକାର ।

ଅନ୍ଧଗଳିରେ ରାସ୍ତା ଖୋଜୁ ଖୋଜୁ ମସ୍ତିଷ୍କ ବିକୃତ ଦେଖା ଦେଇଥିଲା ମିତାର । ଜୀବନଟା ତୁଚ୍ଛ ଲାଗୁଥିଲା । ପାଦ ତଳର ପୃଥିବୀଟା ଆହୁରି ତଳକୁ ତଳକୁ ଧସିଚାଲିଥିଲା । 'କ'ଣ କଲା ସେ?' ଏହି ପ୍ରଶ୍ନରେ ଆଉଟୁପାଉଟୁ ହୋଇ ସଂଜ୍ଞାହୀନ ହୋଇପଡ଼ିଥିଲା ସେ ।

ତା'ର ଦୁଇଦିନ ପରେ ଆଖି ଖୋଲିବା ବେଳକୁ ନିଜକୁ ଏକ ଘରୋଇ ଡାକ୍ତରଖାନାର ଶଯ୍ୟା ଉପରେ ଆବିଷ୍କାର କରିଥିଲା । ଆଖିର ପରଦା ମେଲାଇ ଚାହିଁପାରୁ ନଥିଲା ତା' ଚାରିପାଖର ପରିଜନମାନଙ୍କୁ । ଛୋଟ ପୁଅକୁ କୋଳକୁ ଭିଡ଼ିନେଇ ଭୋ–ଭୋ ହୋଇ କାନ୍ଦିଉଠିଥିଲା । ଦୁଇ ଆଖିର ଅମାନିଆ ଲୁହର ବନ୍ୟା ।

''ଏମିତି କ'ଣ ହେଉଛୁ, ପିଲାଟା ମୁହଁକୁ ଟିକେ ଦେଖ୍ । ଆମ ବୁଢ଼ାବୁଢ଼ୀଙ୍କ ମୁହଁକୁ ଟିକେ ଅନା ।'' ମୁଣ୍ଡ ଉପରେ ହାତ ବୁଲାଇ ନେଇ ଛଳଛଳ ଆଖିରେ କହି ଚାଲିଥାନ୍ତି ଜନ୍ମଦାତ୍ରୀ ତା'ର ।

'ହଁ...' ହଠାତ୍ ନିଜ ଅଜାଣତରେ ମିତାର ପାଟିରୁ ବାହାରି ଆସିଲା । ପାଟିରେ ଭାଷା ନାହିଁ । ମନରେ ଅନେକ ପ୍ରଶ୍ନ । ଯାହାର ଉତ୍ତର ତା' ପାଖରେ ନଥିଲା । କାହାରିକୁ ପଚାରିବାର ସାହସ ବି ନଥିଲା ।

ତଥାପି ବଞ୍ଚିଛି ମିତା । ସାହସ ବାନ୍ଧିଛି ବଞ୍ଚିବାକୁ । ସୁସ୍ଥ ହୋଇ ଘରକୁ ଫେରିଛି । ବିବେକର ଅଧାଗଢ଼ା ସଂସାରକୁ ପୂରା କରିବାକୁ ଶପଥ ନେଇଛି । ବିବେକର ଫଟୋ ଆଗରେ ହାତଯୋଡ଼ି ଦୋଷୀଟିଏ ପରି ଠିଆହୋଇ ରହୁଛି ସକାଳ ସଞ୍ଜରେ । ଆଉ ଭୁଲ୍ ନ କରିବାର ଶପଥ ନେଉଛି । ସବୁ ବାହ୍ୟ ସମ୍ପର୍କର ଡୋରକୁ କାଟି ଖୋଲା ଆକାଶ ତଳେ ବିବେକ ଗଢ଼ିଥିବା ସେଇ ମନ୍ଦିରକୁ ପୁଣି ନୂଆ କରି ରଙ୍ଗ ଦେବା ଆରମ୍ଭ କରିଦେଇଛି । ଏବେ ବାନ୍ଧି ରଖିବାକୁ ଚାହୁଁଛି ଅନ୍ଧଗଳିର ଏପାଖ ଓ ସେପାଖର ସୂର୍ଯ୍ୟଚନ୍ଦ୍ରଙ୍କ ଆଲୋକକୁ ।

*କୋଣାର୍କ ନଗର, ଖୋରଧା*
*ମୋ. ୮୦୧୮୮୨୧୬୭୫*

## ମୁଁ ନିଶବ୍ଦ

● ସମରେନ୍ଦ୍ର ବଳିଆରସିଂହ



**ହା**ଲୋ

– ହାଏ.. ହାଏ.. ହାଏ...

କେତେ ହାଏ ହାଏ ହଉଚ, କିଛି ନାହିଁ କି କହିବାକୁ?

– ବହତ୍ କୁଛ କେହେନା ହେ ମେରେ ୟାର..

କ୍ୟା କେହେନା, ବୋଲୋନା

– ଯୋ ଆପକୋ ପସନ୍ଦ ହେ..

ପସନ୍ଦ କୀ ବାତେଁ ପୁଛ ରହେ ହୋ ମୋହତରମା । ଯୋ ହମେଁ ପସନ୍ଦ ହେଁ, ୱ ତୋ ନହିଁ ମିଲତି । କ୍ୟା କେହେନା, ଦିଲ୍‌କୀ ବାତେଁ ଦିଲ୍‌ମେଁ ହିଁ ଛୁପାକର ରଖନା ।

– ବାଃ ଜନାବ୍! ଏକଦମ୍ ଶାୟେରାନା ଅନ୍ଦାଜ!

ନିଅ ତମ ପାଇଁ ସକାଳର ଚା' ପଠଉଛି । ଏ କପ୍‌କୁ ଗୋଟେ ଚୁମ୍ମା ତ ଦିଅ, ଲାଗିବ ତମେ ମୋ ଚା' ପିଇଲ.. ।

ହାଃ ହାଃ ହାଃ, ହଉ ଦେଲି...ଉମ୍ମା..ଉମ୍ମା...।..ବାଃ, ଭେରି ଟେଷ୍ଟି।

– ଇଚ୍ଛା ହଉଚି, ଏଇ ସାଙ୍ଗେ ସାଙ୍ଗେ ତୁମ ହାତରୁ କପେ ଚା' ପିଅନ୍ତି! ତେବେ ଅସମ୍ଭବ ପଛରେ ଧାଇଁ ଲାଭ କ'ଣ?

କାଇଁ ତମ ସ୍ତ୍ରୀ ଚା' କରିକି ଦଉନି କି?

ସେକଥା ଛାଡ଼, ମୁଡ୍ ଖରାପ କରନି ।

– ମତେ ଆଜିକାଲି କ'ଣ ଭାରି ଖୋଜୁଚ! ଆଉ ନମ୍ବରଟାକୁ ଫୋନ୍ କରିଥିଲ। ସେ ନମ୍ବରଟା ସିଏ ଉଠେଇଦେଲେ ସେଦିନ । ମୁଁ କୌଣସି ପ୍ରକାର ମ୍ୟାନେଜ୍ କରିଦେଲି, ନହେଲେ କ'ଣ ହେଇଥାନ୍ତା!

ଓଃ, ସରି । ହ୍ୱାଟ୍ସ ଆପ୍ କି ମେସେଞ୍ଜରରେ ତମେ କିଛି ରେସପଣ୍ଡ କଲନି, ତମ ଫୋନ୍ ଲାଗିଲାନି। ସେଇ ନମ୍ବରଟାରୁ ତମେ ଦିନେ କରିଥିଲ, ସେଭ୍ ଥିଲା, ତେଣୁ ଲଗେଇଦେଲି ।

– ଆଉ ଏମିତି ଲଗେଇବନି, ଅସୁବିଧା ହବ । ଇଏ ଭାରି ଅବାଗିଆ ଲୋକ, ଟିକେ ଟିକେ କଥାରେ ସନ୍ଦେହ ।

ତୁମ ସହ ଦିନେ ଚାଟ୍ ନ କଲେ ଭଲ ଲାଗୁନି ।

– ମତେ ବି ।

ସେତେବେଳେ ସ୍ମାର୍ଟଫୋନ୍ ଥା'ନ୍ତା କି?

– ହାଃ ହାଃ..ସେତେବେଳେ ଥିଲେ ଏବେ ଆମେ ବୋଧହୁଏ ଏମିତି ରୋମାଣ୍ଟିକ୍ ଚାଟ୍ କରୁନଥାନ୍ତେ!

କାହିଁକି?

– ପତି–ପତ୍ନୀ ହେଇ ହୁଏତ ଝଗଡ଼ା କରୁଥାନ୍ତେ! ମୁଁ ଦେଖିଚି ଅନେକ ପ୍ରେମର ସୁନ୍ଦର ରୂପ କେମିତି ହେଇଚି ବାନ୍ଦର ।

ନା, ଆମ ଭିତରେ ସେମିତି କିଛି ହେଇନଥାନ୍ତା!

– ହଉ ଛାଡ଼, ସେକଥା ଭାବି ଆଉ କ'ଣ ଲାଭ?

ଦେଖ ଏ ଦ୍ୱୀପକୁ, ଭାରି ସୁନ୍ଦର। ଏମିତି ଗୋଟେ ଜାଗାକୁ ଯିବାର ଅଛି ।

– ଫରେନ୍ ଟ୍ରିପ୍.. ଯାଉନ.. ।

ଏମିତି ଗୋଟେ ଦ୍ୱୀପରେ ରହିବାକୁ ଭାରି ଇଚ୍ଛା.. ଏକା ଏକା। ମେଁ ଔର ମେରୀ ତନହାଇ ।

– ନିର୍ଜନ ଦ୍ୱୀପ! ମତେ ଡାକିବନି?

ଡାକିଲେ ତମେ କ'ଣ ଯାଇପାରିବ?

– ଇଚ୍ଛାଗୁଡ଼ାକ ମନପବନ ଘୋଡ଼ା ହେଇଯାଆନ୍ତେନି?

ଗୋଟେ ଗପ ଲେଖୁଚି, ଶୀର୍ଷକ ହଉଛି 'ନିର୍ଜନ ଦ୍ୱୀପ' । ସେଇ ଗପରେ କେବଳ ଗୋଟିଏ ଚରିତ୍ର, ଜଣିଏ ନାୟକ ।

– କିଏ ନାୟକ? ତମେ?

ହଁ ।

– ମତେ ନାୟିକା ସଜେଇ ଦଉନ!

ସ୍ୱାଧୀନତା ଦବ ।

– ହଁ । ତୁମ କଳ୍ପନାରେ, ସ୍ୱପ୍ନରେ, ଭାବନାରେ ତମର ଯାହା ଇଚ୍ଛା ସେଇଭଳି କାହାଣୀ ଲେଖ ମତେ ନେଇ। କିଛି ଅସୁବିଧା ନାହିଁ ।

ସତ କହୁଚ?

– ହଁ, ତୁମେ ଲଂଘିପାର ଲକ୍ଷ୍ମଣରେଖା, ଯାହା ତୁମେ ଲଂଘିପାରିନଥିଲ କଲେଜବେଳେ । ମେଣ୍ଟାଇନିଅ ତୁମର ସବୁ ଭୋକ, ସବୁ ଅବସୋସ, ସବୁ ଶୋଷ । ମତେ ନେଇଯାଅ ସେଇ ନିର୍ଜନ ଦ୍ୱୀପକୁ, ଯୋଉଠି କେହି ନଥିବେ! ଥିବେ କେବଳ ଦୁଇଟି ତନ, ଦୁଇଟି ମନ । ତନ ଓ ମନର ଯୁଗଳବନ୍ଦୀ । ଥିବେ କେବଳ ଆଦାମ୍ ଓ ଇଭ୍ ।

ମୁଁ ନିଶବ୍ଦ। ନା..ଅସଂଭବ, ମୁଁ ଏଭଳି ଗପ ଲେଖିପାରିବିନି ।

*ଖୋର୍ଦ୍ଧା ବିଡିଏ କଲୋନୀ, ଖୋର୍ଦ୍ଧା*